# NATIONAL NEWS BULLETIN (ODIA)

## 16 June - 2025

## Morning Bulletin : 7.15 A.M.

****************************************************

## ମୁଖ୍ୟ ସମ୍ବାଦ

- କର୍ପୋରେଟ୍ ଟିକସ ହାରକୁ ଯୁକ୍ତିଯୁକ୍ତ କରାଯିବା ସହିତ ଭାରତରେ ବ୍ୟବସାୟ କରିବା ସହଜ ହୋଇପାରୁଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ୮୦ ଜଣଙ୍କୁ ଚିହ୍ନଟ କରାଯାଇଛି ।

– ରାଜକୋଟ୍ ଠାରେ ଆଜି ସନ୍ଧ୍ୟାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଜୟ ରୁପାନୀଙ୍କର ହେବ ଶେଷକୃତ୍ୟ ।

- ଆଜି ପ୍ରକାଶ ପାଇବ ଜନଗଣନା ଗେଜେଟ୍ ବିଜ୍ଞପ୍ତି ।

– ପ୍ରଥମଥର ପାଇଁ ଜାତିଭିତ୍ତିକ ଜନଗଣନା କରାଯିବ ବୋଲି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ଜଳମାର୍ଗ ବିକାଶ ପ୍ରକଳ୍ପ ଅନ୍ତର୍ଗତ ପାଟନା ଠାରେ ଆଜି ଅନୁଷ୍ଠିତ ହେବ ଏକ ପରାମର୍ଶଦାତା କର୍ମଶାଳା ।

# ପିଏମ୍ ବିଜ୍‌ନେସ୍ ରାଉଣ୍ଡ ଟେବୁଲ୍

ସାଇପ୍ରସ ସହିତ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କ ବୃଦ୍ଧି ଉପରେ ଭାରତ ଗୁରୁତ୍ୱ ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଲିମାସୋଲ୍ ଠାରେ ବ୍ୟାବସାୟିକ ପ୍ରତିନିଧିଙ୍କ ସହ ଏକ ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସାଇପ୍ରସ ଦୀର୍ଘ ଦିନ ଧରି ଭାରତର ଏକ ବିଶ୍ୱସ୍ତ ସହଯୋଗୀ ରାଷ୍ଟ୍ର ହୋଇଆସିଛି ।

ସାଇପ୍ରସର ବ୍ୟବସାୟି ଗୋଷ୍ଠୀ ଭାରତରେ ପୁଞ୍ଜିନିବେଶ କରିବା ସହିତ କେତେକ ଭାରତୀୟ କମ୍ପାନୀ ସାଇପ୍ରସକୁ ୟୁରୋପର ପ୍ରବେଶ ଦ୍ୱାର ଭାବେ ମାନ୍ୟତା ପ୍ରଦାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୫୦ ନିୟୁତ ଡଲାର୍ ରହିଛି । ସାମୁଦ୍ରିକ ଏବଂ ବନ୍ଦର ବିକାଶ, ଜାହାଜ ନିର୍ମାଣ ଆଦି ବିଭିନ୍ନ କ୍ଷେତ୍ରରେ ଆର୍ଥିକ ସମ୍ପର୍କକୁ ଅଧିକ ଦୃଢ଼ିଭୂତ କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି ।

ବେସାମରିକ ବିମାନ ଚଳାଚଳ କ୍ଷେତ୍ର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏ କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରୁଛି । ଜି.ଏସ୍.ଟି. କାର୍ଯ୍ୟକାରୀ ହେବା ଦ୍ୱାରା ଏକ ରାଷ୍ଟ୍ର, ଏକ ଟିକସ ଧାରଣା ଦେଶରେ ପ୍ରବର୍ତ୍ତନ ହୋଇପାରିଛି । କର୍ପୋରେଟ୍ ଟିକସ ହାରକୁ ଯୁକ୍ତିଯୁକ୍ତ କରାଯିବା ସହ ଭାରତରେ ବ୍ୟବସାୟ କରିବାର ସହଜତା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି ।

**V/O-PM-MODI-ON-ONE-NATION-ONE-TAX**

ଗତ ୧୦ ବର୍ଷ ମଧ୍ୟରେ ଭାରତରେ ଡିଜିଟାଲ୍ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ବିଶ୍ୱର ୫୦ ପ୍ରତିଶତ ଆର୍ଥିକ କାରବାର ଡିଜିଟାଲ୍ ମାଧ୍ୟମରେ ହେଉଥିବା ନେଇ ପ୍ରଧାନମନ୍ତ୍ରୀ କହିବା ସହିତ ୟୁ.ପି.ଆଇ. ନେଟ୍‌ୱର୍କରେ ସାଇପ୍ରସକୁ ସାମିଲ କରିବା ସଂକ୍ରାନ୍ତ ଆଲୋଚନାକୁ ସ୍ୱାଗତ କରିଛନ୍ତି ।

**V/O-PM-ON-UPI**

ନିର୍ମାଣ କ୍ଷେତ୍ର ଗୁଡ଼ିକରେ ମଧ୍ୟ ଭାରତ ପଦକ୍ଷେପ ଗ୍ରହଣ କରୁଛି । କୃତ୍ରିମ ବୁଦ୍ଧିମତା ଆଧାରିତ ପଦକ୍ଷେପ, କ୍ୱାଣ୍ଟମ୍, ସେମିକଣ୍ଡକ୍ଟର, ଆଣବିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ମିଶନ୍ ମୋଡ୍‌ରେ କାର୍ଯ୍ୟ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭବିଷ୍ୟତ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଭାରତ ବାର୍ଷିକ ୧୦୦ ବିଲିୟନ୍ ଡଲାର୍‌ରୁ ଅଧିକ ନିବେଶ କରୁଛି ଏବଂ ବିଶ୍ୱର ତୃତୀୟ ବୃହତମ ଅର୍ଥନୀତି ହେବା କ୍ଷେତ୍ରରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତ-ସାଇପ୍ରସ-ଗ୍ରୀସ୍ ବ୍ୟବସାୟ ଓ ନିବେଶ ପରିଷଦ ଗଠନକୁ ସ୍ୱାଗତ କରିଛନ୍ତି । ବ୍ୟବସାୟ ପ୍ରତିନିଧିଙ୍କୁ ଭାରତ ଗସ୍ତ କରିବା ସହ ଦେଶର ଅଭିବୃଦ୍ଧିଶୀଳ ଅର୍ଥନୀତିରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

# ପିଏମ୍-ସାଇପ୍ରସ୍ ଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡସ୍‌ଙ୍କ ସହ ନିକୋସିଆ ଠାରେ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବେ । ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ଆଞ୍ଚଳିକ ସୁରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହେବାର ଆଶା କରାଯାଉଛି । ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭୋଜିର ଆୟୋଜନ କରାଯାଇଛି । ଏଥିସହ ସାଇପ୍ରସ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ କାନାଡ଼ା ଅଭିମୁଖେ ଯାତ୍ରା କରିବେ ।

କନନ୍‌ସ୍କିସ୍ ଠାରେ ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ । କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ କାନାଡ଼ା ଗସ୍ତରେ ଯାଉଛନ୍ତି । ଏହାପରେ ପ୍ରଧାନମନ୍ତ୍ରୀ କ୍ରୋଏସିଆ ଗସ୍ତରେ ଯାଇ ରାଷ୍ଟ୍ରପତି ଜୋରାନ ମିଲାନୋଭିକ୍ ଏବଂ ପ୍ରଧାନମନ୍ତ୍ରୀ ଆନ୍ଦ୍ରେଜ୍ ପ୍ଲେନ୍‌କୋଭିକ୍‌ଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ପ୍ଲେନ୍ କ୍ରାସ୍-ଡିଏନ୍ଏ

ଅହମ୍ମଦାବାଦ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣାରେ ଡି.ଏନ୍.ଏ. ପରୀକ୍ଷଣ ମାଧ୍ୟମରେ ୮୦ ଜଣଙ୍କୁ ଚିହ୍ନଟ କରାଯାଇଛି । ସେଥି ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ଅନ୍ତର୍ଭୁକ୍ତ । ଅହମ୍ମଦାବାଦ

ସିଭିଲ୍ ହସ୍ପିଟାଲ୍ର ଅତିରିକ୍ତ ଅଧିକ୍ଷକ ଡକ୍ଟର ରଜନିଶ ପଟେଲ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗତ ରାତି ସୁଦ୍ଧା ଚିହ୍ନଟଙ୍କ ମଧ୍ୟରୁ ୩୩ ଜଣଙ୍କର ମର ଶରୀର ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ମୃତ୍ୟୁରେ ଗୁଜରାଟ ସରକାର ଆଜି ରାଜ୍ୟ ଶୋକ ଘୋଷଣା କରିଛନ୍ତି । ରାଜ୍ୟର ସମସ୍ତ ସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ । ସନ୍ଧ୍ୟାରେ ରାଜକୋଟ୍ ଠାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷ କୃତ୍ୟ ସମ୍ପନ୍ନ କରାଯିବ । ୨୦୧୬-୨୧ ପର୍ଯ୍ୟନ୍ତ ଶ୍ରୀ ରୁପାନୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ବିଦେଶରେ ରହୁଥିବା ତିନି ଜଣ ମୃତ ଯାତ୍ରୀଙ୍କ ପରିବାରବର୍ଗ ଏ ପର୍ଯ୍ୟନ୍ତ ସେମାନଙ୍କର ଡି.ଏନ୍.ଏ. ନମୁନା ପ୍ରଦାନ କରିନାହାନ୍ତି । ଆସନ୍ତାକାଲି ସନ୍ଧ୍ୟାରେ ସେମାନେ ପହଞ୍ଚିବାର ଆଶା କରାଯାଉଛି ବୋଲି ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଏଚ୍‌ଏମ୍-ସେନ୍‌ସସ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ନୂଆଦିଲ୍ଲୀ ଠାରେ ଆଗାମୀ ଜନଗଣନା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଜନଗଣନା ଗେଜେଟ୍ ବିଜ୍ଞପ୍ତି ଆଜି ପ୍ରକାଶ ପାଇବ । ପ୍ରଥମଥର ପାଇଁ ଜାତିଭିତ୍ତିକ ଜନଗଣନା କରାଯିବ ବୋଲି ସେ କହିଛନ୍ତି । ପ୍ରାୟ ୩୪ ଲକ୍ଷ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ଓ ୧ ଲକ୍ଷ ୩୦ ହଜାର ଜନଗଣନା କାର୍ଯ୍ୟକର୍ତ୍ତା ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଆଧାରରେ ଏହି ଗଣନା

କାର୍ଯ୍ୟ କରିବେ । ଦୁଇଟି ପର୍ଯ୍ୟାୟରେ ଜନଗଣନା କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

ପ୍ରଥମ ପର୍ଯ୍ୟାୟରେ ଆବାସ ତାଲିକାକରଣ, ପ୍ରତ୍ୟେକ ପରିବାରର ବାସସ୍ଥାନ, ସମ୍ପତ୍ତି, ସାମ୍ପ୍ରତିକ ସ୍ଥିତି ଆଦି ନେଇ ତଥ୍ୟ ସଂଗ୍ରହ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା, ପ୍ରତ୍ୟେକ ପରିବାରରେ ସଦସ୍ୟ ସଂଖ୍ୟା, ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ଏବଂ ଅନ୍ୟାନ୍ୟ ବିବରଣୀ ସଂଗ୍ରହ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର ମାଧ୍ୟମରେ ଏହି ଜନଗଣନା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ତଥ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଏବଂ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଧନଖଡ଼-ପୁଡୁଚେରୀ

ପୁଡୁଚେରୀ ସ୍ଥିତ ଜିପ୍‌ମର୍‌ର ଏ.ପି.ଜେ. ଅବଦୁଲ୍ କଲାମ୍ ଅଡିଟୋରିୟମ୍ ଠାରେ ରାଷ୍ଟ୍ର ଗଠନରେ ପରିବେଶଗତ ସ୍ଥିରତା ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଜି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଯୋଗଦେବେ । ଶ୍ରୀ ଧନଖଡ଼ ତିନି ଦିନିଆ ଗସ୍ତରେ ଯାଇ ଗତକାଲି ପୁଡୁଚେରୀ ଠାରେ ପହଞ୍ଚିଛନ୍ତି । ଅପରାହ୍ଣ ୪ଟାରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ନିରନ୍ତର ବିକାଶ ନେଇ ଆଲୋଚନା ଓ

ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ଜିପ୍‌ମର୍ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ । ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଅଧୀନରେ ଉପରାଷ୍ଟ୍ରପତି ଚାରା ରୋପଣ କରିବେ । ଆସନ୍ତାକାଲି ଉପରାଷ୍ଟ୍ରପତି ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଯିବେ ।

## ଆଇଡବ୍ଲ୍ୟୁ-ଏଆଇ ପାଟନା

ବିହାରର ପାଟନା ଠାରେ ଆଜି ଜଳମାର୍ଗ ବିକାଶ ପ୍ରକଳ୍ପ ଅନ୍ତର୍ଗତ ଏକ ପରାମର୍ଶଦାତା କର୍ମଶାଳା ଅନୁଷ୍ଠିତ ହେବ । ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି କର୍ମଶାଳାରେ ଜାତୀୟ ଜଳପଥ ଗଙ୍ଗାନଦୀ ପ୍ରଥମ ପର୍ଯ୍ୟାୟ ଉପରେ ଆଲୋଚନା ହେବ । ପୂର୍ବ ଭାରତରେ ଅନ୍ତର୍ଦ୍ଦେଶୀୟ ଜଳପଥ ନୀତି ଗଠନ କରିବାରେ ଏହି ଉଚ୍ଚସ୍ତରୀୟ ଆନ୍ତଃ ମନ୍ତ୍ରୀ ସ୍ତରୀୟ ଆଲୋଚନା ସହାୟକ ହେବ ବୋଲି ଜଣାପଡ଼ିଛି । ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କର୍ମଶାଳାରେ ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର, ବିହାରର ମନ୍ତ୍ରୀ ବିଜୟ ଚୌଧୁରୀ ଓ ଶିଳା କୁମାରୀ ଏବଂ ଉତ୍ତର ପ୍ରଦେଶର ପରିବହନ ମନ୍ତ୍ରୀ ଦୟା ଶଙ୍କର ସିଂହ ପ୍ରମୁଖ ଏଥିରେ ଯୋଗଦେବେ । ଅନ୍ୟମାନଙ୍କ ମଧ୍ୟରେ ବୈଷୟିକ ବିଶେଷଜ୍ଞ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭାଗୀୟ ପ୍ରମୁଖ ଅଧିକାରୀ ଏହି କର୍ମଶାଳାରେ ଯୋଗଦେବେ । ଜାତୀୟ

ଜଳପଥ ପ୍ରଥମ ପର୍ଯ୍ୟାୟରେ ମାଲ୍ ପରିବହନ ଅଭିବୃଦ୍ଧି ନେଇ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି । ବିହାର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଏହି ପର୍ଯ୍ୟାୟ ଜଳପଥ ଦ୍ୱାରା ବିଶେଷ ସୁଫଳ ପାଇବ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସାଇବର ଠକେଇ ଅନ୍‌ଲାଇନ୍‌ରେ କିପରି ସୁରକ୍ଷିତ ରହିବେ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ନିର୍ଦ୍ଦେଶକ ଲେପ୍ଟନାଣ୍ଟ କର୍ଣ୍ଣେଲ୍ ବାଦଲ କୌଶିକ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ଗୁଲସନ ରାଇ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଇରାନ୍-ଇସ୍ରାଏଲ୍

ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଚତୁର୍ଥ ଦିନରେ ପହଞ୍ଚିଛି । ଉଭୟ ପକ୍ଷର ଆକ୍ରମଣ ଏବଂ ପ୍ରତିଆକ୍ରମଣରେ ବହୁ ଲୋକ ମୃତାହତ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ଉଭୟ ରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି । ଇରାନ୍‌ର ସାମରିକ ଘାଟି ଗୁଡ଼ିକୁ ଲକ୍ଷ୍ୟ କରି ଇସ୍ରାଏଲ୍ ସେନା ପକ୍ଷରୁ ବ୍ୟାପକ ଆକ୍ରମଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆମେରିକା ସହିତ ପରମାଣୁ ଚୁକ୍ତି ନେଇ ଓମାନ ଠାରେ ହେବାକୁ ଥିବା ଆଲୋଚନାରେ ଇରାନ୍ ଓହରିଯାଇଛି । ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘାଚି କହିଛନ୍ତି, ପରମାଣୁ ଅଧିକାରରୁ ବଞ୍ଚିତ କରିବାକୁ ଥିବା କୌଣସି ଚୁକ୍ତି ଇରାନ୍ ପାଇଁ ଗ୍ରହଣୀୟ ନୁହେଁ ।

ଅନ୍ୟ ପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶାନ୍ତି ସମ୍ଭାବନାର ଆଶା ପ୍ରକାଶ କରିଛନ୍ତି । ଉଭୟ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ନେଇ ଆନ୍ତର୍ଜାତିକ କୂଟନୈତିକ ପ୍ରୟାସ ଜାରି ରହିଛି ।

## ଏମ୍‌ଇଏ

ଉଭୟ ଦେଶରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଉପରେ ଭାରତୀୟ ଦୂତାବାସ ନିରନ୍ତର ସମୀକ୍ଷା କରୁଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି । ଇରାନ୍‌ରେ ଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

ଇସ୍ରାଏଲ୍‌ରେ ବସବାସ କରୁଥିବା ଭାରତୀୟଙ୍କୁ ସତର୍କ ରହିବା ପାଇଁ ଭାରତୀୟ ଦୂତାବାସ ପରାମର୍ଶ ଦେଇଛି ।